# Akashvani, Sambalpur

## SAMBALPURI NEWS EVENING BULLETIN

## 20 April 2025- 7.02 pm- 7.12 pm.

******************************************

୧- ସିଭିଲ୍ ସର୍ଭିସ୍ ଦିବସ୍ ଅବ୍‌ସରେ ଆଏବା କାଏଲ୍ ସିଭିଲ୍ ସର୍ଭିସ୍ ଅଧିକାରୀ ମାନ୍‌କୁ ସମ୍ବୋଧନ୍ କର୍‌ବେ ପ୍ରଧାନମନ୍ତ୍ରୀ ।

୨- ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟନ ଆଏବା କାଏଲ୍ ହେବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ।

୩- ତୃଣମୁଲ୍ ସ୍ତର୍‌ନ ଖେଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର ଲାଗି ଫି ଜିଲ୍ଲା ନ ଖେଲୋ ଇଣ୍ଡିଆ କେନ୍ଦ୍ର ମାନ୍‌କୁ ଆଭାସି ଜରିଏ ଉଦ୍‌ଘାଟନ୍ କଲେ କ୍ରୀଡାମନ୍ତ୍ରୀ ।

ଆଉର୍

୪- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ନ ଆଉ କିଛି ସମିୟା ଉତ୍‌ରୁ ମୁଲ୍ ହେବା କଳିଙ୍ଗ ସୁପର୍‌କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଂଟ ।

ସିଭିଲ୍ ସର୍ଭିସ୍ ଦିବସ  ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା କାଏଲ୍ ନୂଆଦିଲ୍ଲୀର ବିଜ୍ଞାନ ଭବନଠାନେ ସିଭିଲ୍ ସର୍ଭିସ୍ ଦିବସ ଅବ୍ସରେ ଦେଶର୍ ସିଭିଲ୍ ସର୍ଭିସ୍ ଅଧିକାରୀ ମାନ୍କୁ ସମ୍ବୋଧନ୍ କର୍ବେ । ୧୭ ନମ୍ବର ସିଭିଲ୍ ସର୍ଭିସ ଦିବସ୍ ପାଲନ୍ ଅବ୍ସରେ ସାଧାରଣ ପ୍ରଶାସନ କ୍ଷେତ୍ରଥି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାର୍ ସିଭିଲ୍ ସର୍ଭିସ୍ ଅଧିକାରୀ ମାନ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମ୍ମାନିତ କର୍ବେ । ଜିଲ୍ଲାର୍ ସାମଗ୍ରୀକ ବିକାଶ, ବ୍ଲକ୍ ସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ୍ କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବାର୍ ଅଧିକାରୀ ମାନ୍କୁ ପୁରସ୍କୃତ୍ କରାଯିବା । ଇ ଅବ୍ସରେ ପ୍ରଧାନମନ୍ତ୍ରୀ ଗୁଟେ ବହିକେ ଭି ଉନ୍ମୋଚନ୍ କର୍ବାର୍ କାର୍ଯ୍ୟକ୍ରମ ରହିଛେ ।

ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି ସମ୍ବଲପୁର ସମ୍ବାଦଦାତା

ଆଏବା କାଏଲ୍ ସମ୍ବଲପୁର ମହାନଗରନିଗମ କାର୍ଯ୍ୟାଲୟନ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କର ଜନ ଅଭିଯୋଗ ଶୁଣାଣି ହେବା । ଇ ବାବ୍ଦେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଏଜ୍ ସମ୍ବଲପୁର ଦୁର୍ଗାପାଲିନ ଥିବା ମହାନଗର ନିଗମ କାର୍ଯ୍ୟାଲୟନ ଗୁଟେ ସମୀକ୍ଷା ବୈଠକ କରିଛନ୍ ।

(ଭଏସ୍ଓଭର- ସୁରେଶ ପୂଜାରୀ)

ମୋଟ୍ ହଜାରେ ଲୁକଙ୍କର୍ ଅଭିଯୋଗକେ ଶୁଣାଣି ଲାଗି ଗ୍ରହଣ କରାଯିବା । ଇଥିର୍ ଲାଗି ଅଭିଯୋଗ କାରୀ ପୋର୍ଟାଲ୍ ଜରିଏ ଆଗତୁରା ପଞ୍ଜିକରଣ କରାଯାଇଛେ । ଇଥର୍ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ଶୁଣାଣି ଶିବିର ଲାଗି ବ୍ୟକ୍ତିଗତ ଅପେକ୍ଷା ଗୋଷ୍ଠିଗତ ଅଭିଯୋଗ ଲାଗି ଅଏତ୍କା ପଞ୍ଜିକରଣ ହେଇଛେ । ପଶ୍ଚିମଓଡିଶାର୍ ୧୦ଟା ଜିଲ୍ଲାର୍ ସାଧାରଣ ଲୁକେ ଇ ଶିବିର୍ ଥି ଭାଗ୍ ନେଇପାର୍‌ବେ । ଶିବିର୍‌ଥି ୧୧ ଝନ୍ ମନ୍ତ୍ରୀଙ୍କର୍ ସହେତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଉର୍ ୧୦ଟା ଜିଲ୍ଲାର୍ ଜିଲ୍ଲାପାଳ ମାନେ ଉପସ୍ଥିତ ରହେବେ ।

ସୁଭଦ୍ରା ସାହାଜ ` ଭୁବନେଶ୍ୱର

ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ୬ ନମ୍ବର ଖେପ୍ ସାହାଜ୍ ଟଙ୍କା ଆଏବା ୨୪ ତାରିଖ୍ ପଂଚାୟତିରାଜ ଦିବସ୍ ଅବ୍‌ସରେ ହିତାଧିକାରୀମାନଙ୍କୁ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ । ପୁରୀନ ହେବାର୍‌କେ ଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସୁଭଦ୍ରା ସାହାଜ୍ ଟଂକା ବାଂଟ୍‌ବେ । ଏପ୍ରିଲ ୨୪ ତାରିଖ୍ ପଂଚାୟତିରାଜ୍ ଦିବସ୍ ଅବ୍‌ସରେ ପୁରୀଠାନେ ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍‌ବେ । ୧ ଲାଖ୍ ୭୦ ହଜାର ହିତାଧିକାରୀଙ୍କର ଆକାଉଂଟକେ ଏକାସଙ୍ଗେ ଦୁଇଟା କିସ୍ତିର୍ ସାହାଜ୍ ଟଙ୍କା ଦିଆଯିବା ବଲି ଶ୍ରୀମତି ପରିଡା କହିଛନ୍ । ଇ ବଛର୍ ମାର୍ଚ୍ଚ ୩୧ ତକ୍ ଆବେଦନ୍ କରିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଇ ସାହାଜ୍ ଟଂକା ଦିଆଯିବା ।

ବାନ୍ଧକଲା ଭୂମିପୂଜନ ସୁବର୍ଣ୍ଣପୁର

ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାର୍ ଛେପ୍‌ଲାପାଲି ଗାଁନ ଆଏଜ୍ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଅରୁନ୍ଧତୀ ବାନ୍ଧକଲାର୍ ନିହି ପଥର୍ ଥାପ୍‌ନା କରିଛନ୍ । ସୁବର୍ଣ୍ଣପୁର ଜିଲ୍ଲା ସହେତେ ପଶ୍ଚିମ ଓଡିଶାର୍ ହସ୍ତତନ୍ତକେ କଲାତ୍ମକ୍ କାରିଗରି ଆଉ ବଜାର ସୁବିଧା କରାବାର୍ ଦିଗେ ଇଟା ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ । ଇ ଅବ୍‌ସରେ ବୁନ୍‌କର୍ ମାନ୍‌କର୍ ଦକ୍ଷତା, ପାରମ୍ପରିକ କାରିଗରିର୍ ପୁନରୁଦ୍ଧାର, ଜୁଆନ୍ ପିଢୀ ଆଉ ମହିଲା ମାନ୍‌କୁ ବାନ୍ଧକଲା ଲାଗି ଆକର୍ଷିତ୍ କର୍‌ବାର୍ ସହେତେ ପଶ୍ଚିମଓଡିଶାନ ପର୍ଯ୍ୟଟନ ବିକାଶ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ । ୧୦ ଏକଡ୍ ଜମିନ୍‌ଥି ତିଆର୍ ହେବାରକେ ଥିବା ଅରୁନ୍ଧତି ବାନ୍ଧକଲା କେମ୍ପସ୍‌ଥି ୩ ହଜାର୍ ତନ୍ତ ଥାପ୍‌ନା

ହେବାର୍ ସହେତେ ୫ ହଜାର୍ ନୁ ଅଏତ୍‌କା ବୁନ୍‌କର୍ ସ୍ୱାବଲମ୍ବି ହେଇପାର୍‌ବେ । କାର୍ଯ୍ୟକ୍ରମଥି ୭୫ନ୍ ହସ୍ତତନ୍ତ ଶିଳ୍ପୀଙ୍କୁ ସମ୍ମାନିତ କରାଯିବାର୍ ସହେତେ ୨୦ ଝନ୍ ମହିଳା ବୁନ୍‌କର୍‌ଙ୍କୁ ଅତ୍ୟାଧୁନିକ୍ ହସ୍ତତନ୍ତ ଯନ୍ତ୍ର ବଂଟା ଯାଇଥିଲା ।

ଓଆଇଏସ୍‌ଏଫ୍ ବାଟାଲିୟନ୍ ଆର୍‌ଏନ୍‌ୟୁ/
ସମ୍ବଲପୁର

ରାଏଜେ ଓଡିଶା ଇଂଡଷ୍ଟ୍ରିଏଲ୍ ସିକ୍ୟୁରିଟି ଫୋର୍ସ (OISF) ର ଆଉ ଗୁଟେ ବାଟାଲିୟନ୍ ଗଠନ୍ କରାଯିବା । ଇଥର୍ ଲାଗି ୧ ହଜାର ୪୦ଟା ପଦବୀ ସୃଷ୍ଟି ଲାଗି ମୁକ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁରୀ ଦେଇଛନ୍ । ନୂଆଁ ଶିଳ୍ପ ପ୍ରତିଷ୍ଠା ହେଉଥିବାର୍ ନୁଁ ଶିଳ୍ପାଂଚଳମାନ୍‌କେ ସୁରକ୍ଷା ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ଇ ବାଟାଲିୟନ୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଞ୍ଜୁରୀ ଦେଇଛନ୍ ।

ଧର୍ମେନ୍ଦ୍ର ପ୍ରଧାନ ବୌଦ୍ଧ ଗସ୍ତ ବୌଦ୍ଧ
ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଲା କାଏଲ୍ ବୌଦ୍ଧ ଜିଲ୍ଲା ଗସ୍ତକରିଛନ୍ । ଇ ସମିଆ ଥି ତାଙ୍କୁ ମନମୁଣ୍ଡା, ଦହ୍ୟା, ବାଉଁଶୁଣି, ସାହାଜପାଲ ଆଉ ବୌଦ୍ଧ ଠାନେ ବିଜେପି କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜନେଇଥିଲେ । ଇ ଅବ୍ସରେ ବୌଦ୍ଧ ଜିଲ୍ଲାନ ଦଳୀୟ ସାଂଗଠନିକ ଆଉ ଜିଲ୍ଲାର୍ ସାମଗ୍ରୀକ୍ ଉନ୍ନତି ନେଇକରି ଦଳୀୟ ନେତା ଆଉ କର୍ମୀମାନକର୍ ସାଙ୍ଗେ ଆଲୋଚନା କରିଥିଲେ ।

ଖେଲୋ ଇଣ୍ଡିଆ ଭୁବନେଶ୍ୱର

ସମ୍ବାଦଦାତା

କେନ୍ଦ୍ର ସରକାରଙ୍କର୍ ଯୁବ ବ୍ୟାପାର୍ ଆଉ କ୍ରୀଡା ମନ୍ତ୍ରଣାଳୟ ଆଉର୍ ରାଜ୍ୟ କ୍ରୀଡା ଯୁବସେବା ବିଭାଗର ମିଳିତ ସହଯୋଗ ଥି ରାଜ୍ୟର୍ ଫି ଜିଲ୍ଲା ନ ଖେଲୋ ଇଣ୍ଡିଆ ସେଂଟର ଆଏଜ୍ ଉଦ୍‌ଘାଟିତ ହେଇଯାଇଛେ । ଖେଲୋ ଇଣ୍ଡିଆ ଯୋଜନାଥି ଇ ସେଂଟର ତିଆର୍ ହେଇଥିବା ବେଲେ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସିଜରିଏ ଇତାକେ ଉଦ୍‌ଘାଟନ୍ କରିଛନ୍ । ରାଏଜେ ତଲ୍‌ସ୍ତର୍ ଥି କ୍ରୀଡା ଭିତିଭୂମି ଆଉ ପ୍ରତିଭାର୍ ବିକାଶ ଲକ୍ଷ୍ୟ ନେଇକରି ଖେଲୋ ଇଣ୍ଡିଆ ସେଂଟର ତିଆର୍ କରାଯାଉଛେ । ଖେଲାଲି ମାନ୍‌କୁ ଜରୁରୀ ପ୍ରଶିକ୍ଷଣ ଦିଆଯିବାର୍ ସହେତେ ଭିନ୍ ଭିନ୍ ଖେଲ୍ ଲାଗି ବର୍‌କସ୍

ଭିତିଭୂମି ଆଉ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବା । କ୍ରୀଡା କ୍ଷେତ୍ରଥି କେରିଅର ଲାଗି ଇ ସେଟଂର ମାନ୍‌କର ଜରୁରୀ ଭୂମିକା ରହେବା ବଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ । ଫି ସେଟଂର ଲାଗି ବଛର୍ କ ୫ଲାଖ୍ ଟଁକା ଲେଖା ଖର୍ଚ୍ଚା କରାଯିବା । ରାଜ୍ୟ ସ୍ତରୀୟ ଆଉ ସର୍ବଭାରତୀୟ ସ୍ତରଥି ସଫଲ୍‌ତା ପାଇଥିବା ଖେଲାଲି ମାନେ ଇ ସେଟଂର ମାନ୍‌କେ କୋଚ୍ ହିସାବେ ରହେବେ ବଲି ମନ୍ତ୍ରୀ କହିଛନ୍....

(ଭଏସ୍‌ଓଭର- ସୂର୍ଯ୍ୟବଂଶୀ ସୂରଜ)

ୱେଭସ୍

ଏକ୍ସ

ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ୱେଭସ୍ ୨୦୨୫ ଥି ଭାଗ୍ ନେବାର୍ ଲାଗି ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କର୍ ଆଏବା କାଏଲ୍‌ଠାନୁ ଫେର୍‌ଘାଏ ପଞ୍ଜିକରଣ ମୁଲ୍ ହେବା । ଗଣମାଧ୍ୟମ ପ୍ରତିନିଧିମାନେ app.wavesindia.org ୱେବସାଇଟ୍ ଜରିଏ ପଞ୍ଜିକରଣ କରିପାର୍‌ବେ । ଇଥିର୍‌ଲାଗି ପ୍ରିଂଟ୍, ରେଡିଓ, ଟିଭି ସାମ୍ବାଦିକ୍, ଫଟୋଗ୍ରାଫର, ସ୍ୱତନ୍ତ୍ର ସାମ୍ବାଦିକ୍ ମାନେ ଆବେଦନ କରିପାର୍‌ବେ । ଇନ ଜନେଇଦିଆଯାଇପାରେ ଯେ ଆଏବା ମାସ ୧ ତାରିଖ୍ ନୁ ୪ ତାରିଖ୍‌ତକ୍ କେନ୍ଦ୍ର

ସରକାର୍ଙ୍କର ତର୍ଫୁ ମୁମ୍ବାଇନ ୱ୍ୱେବ ସମ୍ମିଳନୀ ଆୟୋଜନ କରାଯିବା ।

ବିଜେପି ଆୱ୍ୱାର୍ନେସ ‸ ଆର୍ଏନ୍ୟୁ କଟକ

ୱ୍ୱାକଫ୍ ସଂଶୋଧନ ଆଇନ୍ ବାବ୍ଦେ ଲୁକଙ୍କୁ ସଚେତନ୍ କର୍ବାର୍ ଲାଗି ବିଜେପି ତର୍ଫୁ ଆଏଜ୍ଠାନୁ ସାରାଦେଶେ "ୱ୍ୱାକଫ ସୁଧାର ଜନଜାଗରଣ ଅଭିଯାନ" ମୁଲ କରାଯାଇଛେ । ଆଏବା ମାସ ୫ତାରିଖ୍ ତକ୍ ଇଟା ଜାରି ରହେବା । ଇ ଅଭିଯାନ ଅଧିନ୍ ଥି ଦଲିୟ ନେତା ଆଉ କର୍ମୀମାନେ ମୁସଲ୍ମାନ୍ ସଂପ୍ରଦାୟର୍ ଲୋକଙ୍କର୍ ସାଂଗେ ସାକ୍ଷାତ ଆଲୋଚନା କରିକରି ୱ୍ୱାକଫ ସଂଶୋଧିତ ଆଇନ୍ ବାବ୍ଦେ ସମ୍କୁ ଜନାବେ ।

ଇଷ୍ଟର ପର୍ବ ‸ ଆର୍ଏନ୍ୟୁ କଟକ

ଯୀଶୁଖ୍ରୀଷ୍ଟଙ୍କର ପୁନର୍ଉଥାନ୍ ଦିବସ୍କେ ସୋର୍ ପକେଇକରି ସାରା ପର୍ଥିନ ଆଏଜ୍ ଇଷ୍ଟର୍ ପର୍ବ ପାଲନ୍ କରାଯାଉଛେ । ଶୁଭଶୁକ୍ରବାର ଦିନ କାଲ୍ଭାରିଠାନେ ଯୀଶୁଖ୍ରୀଷ୍ଟଙ୍କୁ କୃଷବିଦ୍ଧ କରାଯିବା ଉତ୍ରୁ ରଏବାର୍ ଦିନ ତାଙ୍କର୍

ପୁନର୍‌ଉଥାନ୍ ଦିବସ୍ ପାଲନ୍ କରାଯାଏସି । ଇ ଅବ୍‌ସରେ ଦେଶର୍ ଭିନ୍ ଭିନ୍ ଜାଗାନ ଚର୍ଚ୍ଚ ମାନ୍‌କେ ଖାସ୍ ସମାବେଶ କରାଯାଉଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖ୍ରୀଷ୍ଟିଆନ ସଂପ୍ରଦାୟର୍ ଲୁକ୍‌କୁ ଇ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ତାଙ୍କର୍‌ବାର୍ତାଥି ରାଷ୍ଟ୍ରପତି କହିଛନ୍ ଯୀଶୁଖ୍ରୀଷ୍ଟଙ୍କର  ପୁନର୍‌ଉଥାନ୍‌କେ ସୋର୍ କରିକରି ଆଏଜ୍ ପାଲନ୍ କରାଯାଉଥିବାର୍ ଇ ପର୍ବ ନିଶ୍ୱାର୍ଥପର ପ୍ରେମ୍ ଆଉ ସେବାର୍ ବାର୍ତା ଦେସି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କର ଶୁଭେଚ୍ଛା ବାର୍ତାଥି ଯୀଶୁଖ୍ରୀଷ୍ଟଙ୍କର ଦୟା, କ୍ଷମା ଆଉ ସେବାର କାଳଜୟୀ ଶିକ୍ଷା ନାଗରିକ୍ ମାନ୍‌କୁ ଗୁଟେ ବନ୍ଧୁତାପୂର୍ଣ୍ଣ ସମାଜ ଗଠନ୍ ଦିଗେ ମାର୍ଗଦର୍ଶନ୍ ଦେସି ବଲି କହିଛନ୍ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମ ପୋଷ୍ଟ ଥି ଲୋକଙ୍କର ଭିତ୍‌ରେ ଆଶା, ନୂତନତ୍ୱ ଆଉ କରୁଣା ଲାଗି ଇ ତିହାର୍ ପ୍ରେରଣା ଦେସିବଲି କହିଛନ୍ । ସବ୍ କର୍ ଲାଗି ଖୁସି ଆଉ ବନ୍ଧୁତାପୂର୍ଣ୍ଣ ବାତାବରଣ ଉପବନ୍ଧ ହେଉବଲି ଶ୍ରୀ ମୋଦି ଆଶା କରିଛନ୍ ।

ପଇତାଲାଗି ନୀତି                                   ପୁରୀ

ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ନ ଆଏବା କାଏଲ୍ ବଏଶାଖ୍ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମୀ ତିଥିନ ମାହାପ୍ରୁ ମାନ୍‌କର୍ ପଇତାଲାଗି ନୀତି ହେବା । ଦ୍ୱୀତିୟ ଭୋଗମଣ୍ଡପ ଭୋଗ ଶେଷ ହେବାର୍ ଉତ୍‌ରୁ ଉପର୍‌ବେଲା ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ ବନ୍ଦ ରହେବା ବଲି ଶ୍ରୀମନ୍ଦିର ପ୍ରଶାସନ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନୂଆପଡା ଜିଲ୍ଲା ବିଜେପି ସମ୍ମିଳନୀ ନୂଆପଡା ସମ୍ବାଦଦାତା

ନୂଆପଡା ବିଜେପି ଜିଲ୍ଲାକାର୍ଯ୍ୟାଳୟନ ସକ୍ରୀୟ ସଦସ୍ୟ ସମ୍ମିଳନି ହେଇଯାଇଛେ । ଜିଲ୍ଲା ସଭାପତି କମଲେଶ ଦିକ୍ଷୀଙ୍କ ଅଧ୍ୟକ୍ଷତାଥି ହେଇଥିବାର ସମ୍ମିଳନିଥି ଆଗର୍ ସାଂସଦ୍ ବସନ୍ତ କୁମାର ପଣ୍ଡା ଯୋଗଦେଇକରି ସଂଗଠନକେ ମଜବୁତ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ । ଇତାର୍ ଛଡା ଆଏବା ଦିନେ ତଲ୍‌ସ୍ତର୍ ନ କାମ୍‌କର୍ ବାର୍‌ଲାଗି କର୍ମୀ ମାନ୍‌କୁ ସମ୍ମିଳନୀଥି ପରାମର୍ଶ ଦିଆଯାଇଥିଲା ।

କଲିଙ୍ଗ ସୁପର୍‌କପ୍ ଫୁଟବଲ୍

I&PR

ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମ ଠାନେ କଳିଙ୍ଗ ସୁପର୍ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ୫ ନମ୍ବର ସଂସ୍କରଣ ଆଏଜ୍ଠାନୁ ମୁଲ୍ ହେବା । ରାଜ୍ୟ କ୍ରୀଡ଼ା ବିଭାଗ ଆଉ ସର୍ବଭାରତୀୟ ଫୁଟବଲ୍ ସଂଘର୍ ମିଳିତ୍ ସହଯୋଗ ଥି ହେବାର କେ ଥିବା ଟୁର୍ଣ୍ଣାମେଂଟ୍ ଥି ଆଇଏସଏଲ୍‌ର ୧୩ ଟା ଆଉ ଆଇ-ଲିଗ୍ ର ୨ଟା ଦଳ ଭାଗ ନେଉଛନ୍ । ଟୁର୍ଣ୍ଣାମେଂଟ୍ ମେ ୩ ତାରିଖ ତକ୍ ଚାଲବା । ଇ ପ୍ରତିଯୋଗିତାଥି ମୋହନ ବାଗାନ ସିଧାସଲଖ କ୍ୱାଟର୍ ଫାଏନାଲ ଖେଲ୍‌ବାର୍ ଲାଗି ଯୋଗ୍ୟତା ହାସଲ କରିଛେ । ଉଦ୍‌ଘାଟନି ମେଚ୍ ରାତିର୍ ୮ ବଜେ ଗଲାଥରର୍ ଚେମ୍ପିଏନ୍ ଇଷ୍ଟ୍ ବେଙ୍ଗଲ୍ ଏଫ୍‌ସି ଆଉ କେଲର୍ ବ୍ଲାଷ୍ଟର୍‌ସ ଭିତ୍‌ରେ ଖେଲାଯିବା । ପ୍ରତିଯୋଗିତାର୍ ପ୍ରୀ କ୍ୱାଟର୍ ଫାଏନାଲ୍ ମେଚ୍ ଆଏଜ୍‌ଟାନୁ ୨୪ ତାରିଖ୍‌ତକ୍, କ୍ୱାଟର୍‌ଫାଏନାଲ୍ ୨୬ ଆଉ ୨୭ ତାରିଖ୍, ସେମିଫାଏନାଲ୍ ୩୦ ଆଉ ଫାଏନାଲ୍ ମେଚ୍ ମେ ୩ ତାରିଖ୍ ଦିନ ଖେଲାହେବା ।

ପାଣିପାଗ ଆର୍‌ଏନ୍‌ୟୁ/

ସମ୍ବଲପୁର

କାଲବୈଶାଖୀର ବଲେ ରାଏଜର୍ ଭିନ୍ ଭିନ୍ ଠାନେ ଆଏଜ୍ ଉପର୍‌ବେଲା ଭୁବନେଶ୍ୱର କଟକ ସାଙ୍ଗେ ପଶ୍ଚିମଓଡିଶାର୍

ଭିନ୍ ଭିନ୍ ଜାଗାନ ଧୁକାଗର୍ଡି ସାଙ୍ଗେ ବର୍ଷା ହେଇଛେ । ବଲାଙ୍ଗିର ଜିଲ୍ଲାନ ଚଡକ ମରାଥି ପାଟ୍ନାଗଡ ଆଉ ଟିଟିଲାଗଡର ଦୁଇ ଝନ୍କର୍ ଜୀବନ୍ ଯାଇଥିବାର ଖବର ମିଲିଛେ । ସେଆଡେ ପଶ୍ଚିମ୍ ଓଡିଶାର ସବୁଜିଲ୍ଲାନ ଆଏଜ୍ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍କା ଥିଲା । ଝାରସୁଗୁଡାନ ରାଜ୍ୟର ସବୁନୁ ଜହ ତାପମାତ୍ର ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛେ ।